ପ୍ରେସ୍ ନୋଟ୍

## ଜାନୁଆରୀ ୨୮,୨୯ ଓ ୩୦ରେ ହେବ ଲୋକକଳା ମହୋତ୍ସବ ।

ଅନୁଗୋଳ, ତା.୦୩.୧୨:-ଜିଲ୍ଲାରେ ଥିବା ପାରମ୍ପରିକ ଲୋକକଳାର ପ୍ରଚାର ଓ ପ୍ରସାର ପାଇଁ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶ କ୍ରମେ ଅନୁଷ୍ଠିତ ହେବ ଅନୁଗୋଳ ଲୋକକଳା ମହୋତ୍ସବ । ଏହି ମହୋତ୍ସବର ନାମକରଣ ନିମନ୍ତେ ଜିଲ୍ଲା ସଂସ୍କୃତି ପରିଷଦର ସଦସ୍ୟମାନଂକୁ ନେଇ ଆଜି ପୂର୍ବାହ୍ଣରେ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଂକର ସ୍ୱାଇଁଂକ ଅଧକ୍ଷତାରେ ତାଂକ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଂସ୍କୃତି ପରିଷଦର ହ୍ୱାଟସ୍ ଆପ୍ ଗ୍ରୁପ ମାଧ୍ୟମରେ ଲୋକକଳା ମହୋତ୍ସବର ୬ଟି ନାମ ଆସିଥିଲା । ଏହି ନାମ ଗୁଡିକୁ ପର୍ଯ୍ୟାଲୋଚନା କରି ଶୈଳଶ୍ରୀକ୍ଷେତ୍ର ଲୋକ ମହୋତ୍ସବ, ମା ହିଙ୍ଗୁଳା ଲୋକକଳା ମହୋତ୍ସବ ଓ ସାତକୋଶିଆ ଲୋକକଳା ମହୋତ୍ସବ ନାମକୁ ସର୍ବସମ୍ମତିକ୍ରମେ ଗ୍ରହଣ କରାଯାଇ ରାଜ୍ୟ ସରକାରଂକ ନିକଟକୁ ପଠାଗଲା । ସରକାରଂକ ଦ୍ୱାରା ସ୍ଥିରିକୃତ ନାମକୁ ନେଇ ୨୦୨୨ ଜାନୁଆରୀ ୨୮,୨୯ ଓ ୩୦ ୩ଦିନ ବ୍ୟାପି ଅନୁଗୋଳ ଲୋକକଳା ମହୋତ୍ସବ ଷ୍ଟାଡିୟମ ପଡିଆରେ ଅନୁଷ୍ଠିତ ହେବ । ପଲ୍ଲିଶ୍ରୀମେଳା ୫ଦିନ ଧରି ଚାଲିବ । ମଶାଲ ଶୋଭାଯାତ୍ରା ଜାନୁଆରୀ ୧୪ ତାରିଖରେ ଅନୁଷ୍ଠିତ ହେବ । ଯେହେତୁ ଲୋକ କଳାମହୋତ୍ସବ ଜିଲ୍ଲାରେ ସ୍ୱତନ୍ତ୍ର ଭାବେ ଆୟୋଜନ କରାଯାଉଛି ସାଂପ୍ରତିକ ପରିସ୍ଥିତିରେ କୋଭିଡର ସମସ୍ତ ନିୟମାବଳୀକୁ ଅନୁସରଣ କରାଯିବ । ଏହି ବୈଠକରେ ହୁଲୁରସିଂହାଠାରେ ନିର୍ମାଣାଧିନ ଅତ୍ୟାଧୁନିକ ପାଠାଗାର ଓ ବିଶ୍ୱସ୍ତରୀୟ ସଂଗ୍ରହାଳୟ ସଂପର୍କରେ ଆଲୋଚନା ହୋଇଥିଲା । ଅନୁଗୋଳର ଇତିହାସ, ଐତିହ ଓ ପରମ୍ପରାକୁ ନେଇ ଏକ କ୍ଷୁଦ୍ର ପ୍ରାମାଣିକ ଚଳଚ୍ଚିତ୍ର ସଂଗ୍ରହାଳୟରେ ପ୍ରଦର୍ଶନ କରାଯିବ । ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ବାହାରୁଥିବା ଓ ସହୃଦୟ ବ୍ୟକ୍ତିମାନଂକ ପାଖରେ ଗଚ୍ଛିତ ଥିବା ପ୍ରାଚୀନକଳା କୃତି ଓ କାରୁକାର୍ଯ୍ୟକୁ ବିନାମୂଲ୍ୟରେ ସଂଗୃହୀତ କରି ସଂଗ୍ରହାଳୟରେ ରଖାଯିବ ବୋଲି ଜିଲ୍ଲାପାଳ ବିଭାଗୀୟ ଅଧିକାରୀଂକୁ ପରାମର୍ଶ ଦେଇଛନ୍ତି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରଜନୀକାନ୍ତ ସ୍ୱାଇଁ , ଜିଲ୍ଲା ସଂସ୍କୃତି ଅଧିକାରିଣି ଶ୍ରୀମତୀ ସରିତା ପ୍ରଧାନଙ୍କ ସମେତ ଜିଲ୍ଲା ସଂସ୍କୃତି ପରିଷଦର ସଦସ୍ୟ ଓ ବ୍ଲକ କଳା ସଂସ୍କୃତି ସଂଘର ଉପ ସଭାପତି ମାନେ ଉପସ୍ଥିତ ଥିଲେ ।


ADMINISTRATIVE MAP OF ANGUL